ସମାଜ
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ

02nd Feb 2020

# ଟେକ୍ନୋ ମ୍ୟାନେଜମେଣ୍ଟ ଫେଷ୍ଟ 'ୱିସନେରୀ-୨୦'



ଜଟଣୀ,୧।୨(ନି.ପ୍ର): ଆଇଆଇଟି ପରିସରରେ ଶୁକ୍ରବାର ଟେକ୍ନୋ ମ୍ୟାନେଜମେଣ୍ଟ ଫେଷ୍ଟ 'ୱିସନେରୀ-୨୦' ଉଦଘାଟିତ ହୋଇଯାଇଛି। ପ୍ରାକ୍ତନ ଜୀବ ବିଜ୍ଞାନ ମହାନିର୍ଦ୍ଦେଶକ ଡ଼.ମାନସ କୁମାର ମଣ୍ଡଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଆର.ଭି.ରାଜକୁମାର ପ୍ରଦୀପ ଜାଳି ଏହାକୁ ଉଦଘାଟନ କରିଥିବା ବେଳେ 'ୱିସନେରୀ'ର ଅଧ୍ୟକ୍ଷ ଡ଼.ଶ୍ରୀନିବାସ ରାମାନୁଜମ୍ କନ୍ନନ ସ୍ୱାଗତ ଭାଷଣ ଦେଇଥିଲେ। ତିନିଦିନ ଧରି ଏହି ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ମହାକାଶ ଏବଂ ଜଗତ ସମ୍ବନ୍ଧୀୟ ଆଲୋଚନା ଏବଂ ଏ କ୍ଷେତ୍ରରେ ଆସୁଥିବା ଆହ୍ୱାନର ସମାଧାନ କରାଯାଇପାରିବ ବୋଲି ଜୀବ ବିଜ୍ଞାନର ପ୍ରାକ୍ତନ ଡ଼ିଜି ଆଶା ପ୍ରକାଶ କରିଥିଲେ। ପ୍ରଫେସର ଆର.କେ.ପଣ୍ଡା, ପ୍ରଫେସର ସୁଜିତ ରାୟ, ପ୍ରଫେସର ଭି.ଆର.ପିଡ଼ିରେଡ଼ି, ଆଇଆଇଟିର କୁଳସଚିବ ଡ଼.ସୁବୋଧ କୁମାର ରାୟ ଯୋଗ ଦେଇଥିଲେ। 'ୱିସନେରୀ-୨୦'ର ମୁଖ୍ୟ ସଂଯୋଜକ ତରୁଣ ଗୁଗ୍ଲୋଠ ଧନ୍ୟବାଦ ଦେଇଥିଲେ।